# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**04 December – 2025**

**********************************

## ମୁଖ୍ୟ ସମ୍ବାଦ

- ସଂସଦରେ ପାରିତ ହେଲା କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍-୨୦୨୫
- ବିଧାନସଭାରେ ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଗତ କଲେ ମୁଖ୍ୟମନ୍ତ୍ରୀ
- ଦେଶର ନାଗରିକଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଉଚ୍ଚମାନର ସଂଯୋଗ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ କେନ୍ଦ୍ରମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ରଶେଖର

ଏବଂ

- ଦେଶବ୍ୟାପୀ ବାଲ୍ୟବିବାହ ମୁକ୍ତ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ

## ସେଣ୍ଟ୍ରାଲ ଏକସାଇଜ୍

କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍-୨୦୨୫ର ଉଭୟ ସଦନର ଅନୁମୋଦନ ଲାଭ କରିଛି। ରାଜ୍ୟସଭାରେ ଆଜି ଏହି ବିଲ୍ ପାରିତ ହୋଇଥିବା ବେଳେ ଗତକାଲି ଲୋକସଭାରେ ପାରିତ ହୋଇଥିଲା। କେନ୍ଦ୍ରୀୟ ଅବକାରୀ ଶୁଳ୍କ ଆଇନ ୧୯୪୪କୁ ସଂଶୋଧନ କରାଯାଇ ଏହି ବିଲ୍‌ରେ ତମାଖୁ ଜାତୀୟ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏବଂ ସେସ୍ ବୃଦ୍ଧି କରାଯାଇଛି। ରାଜ୍ୟସଭାରେ ଆଜି ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ବିଲ୍‌କୁ ଆଗତ କରିଥିଲେ।

ପ୍ରସ୍ତୁତ ତମାଖୁ ଉତ୍ପାଦ ଉପରେ ମଧ୍ୟ ଶୁଳ୍କ ବୃଦ୍ଧିର ପ୍ରସ୍ତାବ ରହିଛି। ରାଜ୍ୟସଭାରେ ଆଲୋଚନାରେ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ସିଗାରେଟ୍ ଉପରେ ଲାଗୁ ହେବାକୁ ଥିବା ଅଧିକ ଶୁଳ୍କ ରାଜ୍ୟଗୁଡ଼ିକ ସହିତ ବଣ୍ଟନ କରାଯିବ। ଏହା ସେସ୍ ନୁହେଁ ବରଂ ଉତ୍ପାଦ ଶୁଳ୍କ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ତେବେ ତମାଖୁ ଚାଷୀ ଏବଂ ବିଡ଼ି ଶ୍ରମିକଙ୍କୁ କୌଣସି କ୍ଷତି ପହଁଞ୍ଚାଇବ ନାହିଁ ବୋଲି ସେ କହିଛନ୍ତି। ଦେଶରେ ୪୯ ଲକ୍ଷ ୮୨ ହଜାର ପଞ୍ଜୀକୃତ ବିଡ଼ି ଶ୍ରମିକ ଅଛନ୍ତି ଏବଂ ଶ୍ରମିକ କଲ୍ୟାଣ ସଂଗଠନ ମାଧ୍ୟମରେ ସେମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର  ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିଥିଲେ। ଗୃହ ବିଭାଗର ମୋଟ୍ ୨୫୬ କୋଟି ୭୯ ଲକ୍ଷ ୭୪ ହଜାର କୋଟି ଟଙ୍କା ଏବଂ ସାଧାରଣ ପ୍ରଶାସନ ବିଭାଗର ମୋଟ ୫୯ କୋଟି ୩୬ ଲକ୍ଷ ୨୮ ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ ହୋଇଥିଲା। ଏହି ସମୟରେ ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ହୋଇଥିଲା।

ଶାସକ ଦଳର ସଦସ୍ୟ ସନ୍ତୋଷ ଖଟୁଆ ଗୃହରେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିରୋଧୀଦଳଗୁଡ଼ିକ ପ୍ରତିବାଦ କରି ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଏହି ସମୟରେ ବିରୋଧୀ ସଦସ୍ୟମାନେ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦେବା ସହ ସମ୍ପୃକ୍ତ ସଦସ୍ୟ ନିଜର ବକ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବାକୁ ଦାବି କରି କକ୍ଷ ତ୍ୟାଗ କରିଥିଲେ। ହଟ୍ଟଗୋଳଜନିତ ପରିସ୍ଥିତିକୁ ଏଡାଇବା ପାଇଁ ବାଚସ୍ପତି ଏବଂ ଉପବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ। ବିରୋଧୀ ଦଳ ସଦସ୍ୟମାନେ ବିଧାନସଭା ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ପରିସ୍ଥିତି ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ମୁଲତବୀ ରଖିଛନ୍ତି।

## ପୁରୁଣା ଆପାର୍ଟମେଣ୍ଟ

ରାଜ୍ୟରେ ୨୦୧୬ ପୂର୍ବରୁ ନିର୍ମାଣ ହୋଇଥିବା ଆପାର୍ଟମେଣ୍ଟଗୁଡ଼ିକର କିଣା-ବିକା ହୋଇପାରିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାପାତ୍ର

କହିଛନ୍ତି, ରେରା ଆଇନ୍‌ରେ ସଂଶୋଧନ କରି ସରକାର ନୂତନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦୀର୍ଘ ସମୟର ତର୍ଜମା ପରେ ନିୟମକୁ ସରଳୀକରଣ କରାଯାଇଛି। ନୂଆ ନିୟମ ଅନୁସାରେ, ଜନସାଧାରଣ ଉପକୃତ ହେବେ ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି।

## ଟ୍ରାଇ-ଆଇ.ଟିୟୁ

ଦେଶର ନାଗରିକଙ୍କ ପାଇଁ ନିର୍ଭରଯୋଗ୍ୟ ଏବଂ ଉଚ୍ଚ ମାନର ସଂଯୋଗ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ପେମ୍ମାସାନି ଚନ୍ଦ୍ରଶେଖର କହିଛନ୍ତି। ଭୁବନେଶ୍ୱରରେ ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ-ଟ୍ରାଇ ଏବଂ 'ଅନ୍ତର୍ଜାତୀୟ ଦୂରସଂଚାର ସଂଘ'-ଆଇ.ଟି.ୟୁ.ର ସହଯୋଗରେ ପ୍ରଦର୍ଶନ, ସେବାର ମାନ ଏବଂ ସେବାର ଅଭିଜ୍ଞତା ସମ୍ପର୍କରେ ଆୟୋଜିତ ଦୁଇଦିନିଆ କର୍ମଶାଳାରେ ଏକ ଭିଡିଓ ବାର୍ତ୍ତାରେ ଡକ୍ଟର ପେମ୍ମାସାନି କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

ଉଚ୍ଚ ଗୁଣବତ୍ତା ସଂଯୋଗ ବର୍ତ୍ତମାନ ଡିଜିଟାଲ ଅନ୍ତର୍ଭୁକ୍ତି, ଅର୍ଥନୈତିକ ବିକାଶ ଏବଂ ବ୍ୟବହାରକାରୀଙ୍କ ଆସ୍ଥାର ଭିତ୍ତିସ୍ତମ୍ଭ ପାଲଟିଛି। ବର୍ତ୍ତମାନ ସମୟରେ ଦେଶର ଜନବହୁଳ ସ୍ଥାନଗୁଡ଼ିକରେ ୪-ଜି ସେବା ଉପଲବ୍ଧ ହେଉଛି। ଭାରତନେଟ୍ ଯୋଜନାରେ ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମକୁ

ଫାଇବର ସଂଯୋଗ କରାଯାଇଛି। ଏହାସହ ୨୫ ହଜାରରୁ ଊର୍ଦ୍ଧ୍ୱ ଅପହଞ୍ଚ ଗ୍ରାମଗୁଡ଼ିକରେ ୨-ଜି, ୩-ଜି ଓ ୪-ଜି ସେବା ପ୍ରଦାନ କରାଯାଉଛି।

ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଦେଶର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା କହିଛନ୍ତି, ଓଡ଼ିଶାରେ ଲୋକଙ୍କ ସୁରକ୍ଷା ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଚେତନତା ସୃଷ୍ଟି ପାଇଁ ଦୂରସଂଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଜି ଦୂରସଂଚାର ସାମଗ୍ରିକ ବିକାଶ, ଆର୍ଥିକ ଉନ୍ନତି ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଗତି କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଛି।

ଗ୍ରାମାଞ୍ଚଳ ସୁଶାସନ, ପଂଚାୟତସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ, ଯୋଗାଯୋଗ, ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତ ଦୂରସଂଚାର ସେବାର ଆବଶ୍ୟକତା ରହିଛି। ଏହା ନାଗରିକ-କୈନ୍ଦ୍ରିକ ହେବା ଉଚିତ ବୋଲି ଶ୍ରୀ ଆହୂଜା କହିଛନ୍ତି। ଟ୍ରାଇର ଅଧ୍ୟକ୍ଷ ଅତୁଲ କୁମାର ଲାହୋଟି ଏହି ଅବସରରେ ଦୈନ୍ୟନ୍ଦିନ ଜୀବନରେ ଯୋଗାଯୋଗ କ୍ଷେତ୍ରରେ ଦୂରସଂଚାରର ଭୂମିକା ଉପରେ ଆଲୋକପାତ କରିଥିଲେ। ଶ୍ରୀ ଲାହୋଟି କହିଥିଲେ, ଦେଶ ୬-ଜି ଆଡକୁ ଅଗ୍ରସର ହେଉଛି। ଦେଶର ୯୯ ପ୍ରତିଶତ ସ୍ଥାନରେ ୪-ଜି ସୁବିଧା ରହିଛି ବୋଲି ଶ୍ରୀ ଲାହୋଟି କହିଥିଲେ। କାର୍ଯ୍ୟକ୍ରମରେ ଆଇ.ଟି.ୟୁ'ର ନିର୍ଦ୍ଦେଶକ ସିଜୋ-ଓନୟେ ବର୍ତ୍ତମାନ ଯୁଗରେ ଦୂରସଂଚାରର ଭୂମିକା ନେଇ ଏକ ଭିଡିଓ ବାର୍ତ୍ତା ଦେଇଥିଲେ। ଏଥିରେ ଟ୍ରାଇର ସଚିବ ଅତୁଲ କୁମାର

ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଆଜିର କର୍ମଶାଳା ୪ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା।

## ଚାଇଲ୍ଡ ମ୍ୟାରେଜ ଫ୍ରି ଭାରତ

ଦେଶବ୍ୟାପୀ ବାଲ୍ୟବିବାହମୁକ୍ତ ଭାରତ କାର୍ଯ୍ୟକ୍ରମକୁ ଆଜି କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମ ଅଧୀନରେ ୧୦୦ଦିନିଆ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି,

**- V/O - (ଅନ୍ନପୂର୍ଣ୍ଣା ଦେବୀ)**

## ପୋଷ୍ଟ ଅଫିସ ସ୍ଥାନାନ୍ତର

ପଂଚାୟତ କାର୍ଯ୍ୟକାଳୟକୁ ୫୭୩ ପୋଷ୍ଟଅଫିସକୁ ସ୍ଥାନାନ୍ତରିତ କରିବା ପାଇଁ ପଂଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ପୂର୍ବରୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ମାତ୍ର ୭୧ଟି ପୋଷ୍ଟ ଅଫିସର ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇଛି। ବାକି ପୋଷ୍ଟ ଅଫିସ୍‌ଗୁଡ଼ିକୁ ଆସନ୍ତା ୨୦ ତାରିଖ ସୁଦ୍ଧା ସ୍ଥାନାନ୍ତରିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ପଂଚାୟତ କାର୍ଯ୍ୟାଳୟ ବ୍ୟତୀତ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖାଲି ଥିବା ସ୍ଥାନଗୁଡ଼ିକରେ ପୋଷ୍ଟ ଅଫିସ୍‌କୁ ସ୍ଥାନାନ୍ତରିତ କରିବା ଲାଗି ବ୍ୟବସ୍ଥା କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

## ଶ୍ରୀଅନ୍ନ

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'ଶ୍ରୀଅନ୍ନ' ଅଭିଯାନ ଅଧୀନରେ ମାଣ୍ଡିଆ ବିତରଣ ଓ କ୍ରୟ ସମ୍ବନ୍ଧୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ  ଅଧିକରୁ ଅଧିକ ଚାଷୀଙ୍କୁ ମାଣ୍ଡିଆ କିଣା କାର୍ଯ୍ୟକ୍ରମରେ ସାମିଲ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି। ଗତବର୍ଷ  ୭ ଲକ୍ଷ ୫୮ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା।

# ପୁରୀ ଗ୍ଲୋବାଲ ସମିଟ

ପୁରୀଠାରେ ଆସନ୍ତାକାଲିଠାରୁ ତିନିଦିନିଆ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆରମ୍ଭ ହେବ । ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରଣୀ ଭୂମିକା ବିଷୟରେ ଏଥିରେ ଆଲୋଚନା କରାଯିବ । ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ କେନ୍ଦ୍ର ନୂତନ ଓ ନବୀକରଣ ଯୋଗ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ଅଂଶଗ୍ରହଣ କରିବେ। ଓଡ଼ିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ସ୍ୱଚ୍ଛ ଶକ୍ତି ରୂପାନ୍ତରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ନୀତିନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ, ବିଶ୍ୱସ୍ତରୀୟ ବିଶେଷଜ୍ଞ ଏବଂ ଗବେଷକ

ସମ୍ମିଳନୀରେ ଯୋଗଦେଇ ସହଭାଗିତା, ଜ୍ଞାନ ଆଦାନ ପ୍ରଦାନ ତଥା ସ୍ୱଚ୍ଛ ଶକ୍ତି କ୍ଷେତ୍ର ନେଇ ମତବିନିମୟ କରିବେ। ସମ୍ମିଳନୀରେ ଏକାଧିକ ରାଜ୍ୟ ଓ କେନ୍ଦ୍ରୀୟ ମନ୍ତ୍ରଣାଳୟର ଅଂଶଗ୍ରହଣ ସହିତ ଭାରତର ସ୍ୱଚ୍ଛ ଉର୍ଜା ସଂକଳ୍ପର ଏକ ପ୍ରମୁଖ ପରିଚାଳକ ଭାବେ ଓଡ଼ିଶା ପ୍ରତିପାଦିତ ହେବ।

## ଲିଙ୍ଗଭିତ୍ତିକ ହିଂସା

ଲିଙ୍ଗଭିତ୍ତିକ ହିଂସା ରୋକିବା ଉଦ୍ଦେଶ୍ୟ ନେଇ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ସଚେତନତା ପକ୍ଷ ଅଧୀନରେ ଆଜି ଅନୁଷ୍ଠିତ ଅଧିବେଶନରେ **ଯାଜପୁର** ଜିଲ୍ଲାରେ ମହିଳା ହିଂସା ରୋକିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଆସନ୍ତା ୧୩ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି କ୍ରମରେ ବରଗଡ଼ କୋର୍ଟ ସମେତ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜୟପୁର କୋର୍ଟରେ ସକାଳ ୧୦ଟାରୁ ବିଚାରାଧୀନ ମକଦ୍ଦମାଗୁଡ଼ିକର ଆପୋଷ ସହମତିରେ ସମାଧାନ କରାଯିବ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ **ସୁବର୍ଣ୍ଣପୁର** ଜିଲ୍ଲାର ୫୨ ଜଣ ବରିଷ୍ଠ ନାଗରିକ ଆଜି ରାମେଶ୍ୱର-ମଦୁରାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲାପାଳ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀଙ୍କ ସହ ଜିଲ୍ଲା ପ୍ରଶାସନର ୨ ଜଣ କର୍ମଚାରୀ ଯାତ୍ରା କରିଥିବା ଜଣାପଡିଛି।

## କନ୍ଧମାଳ ମହୋତ୍ସବ

**କନ୍ଧମାଳ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ମହୋତ୍ସବ, କୃଷି, ପ୍ରାଣୀସମ୍ପଦ ଏବଂ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।  ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ମାସ ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଷ୍ଟାଡିୟମ୍‌ରେ ଏହିସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଫାଇଲେରିଆ

**ଢେଙ୍କାନାଳ** ଜିଲ୍ଲାରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ସାମୂହିକ ଫାଇଲେରିଆ ଔଷଧ ସେବନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଶକ୍ତିମେଳା

**ସମ୍ବଲପୁର** ସହରରେ ଶକ୍ତି ସଂରକ୍ଷଣ ଓ ସବୁଜ ଶକ୍ତିର ବ୍ୟବହାର ନେଇ ଶକ୍ତିମେଳା ଆୟୋଜିତ ହୋଇଯାଇଛି। ମେଳାରେ ୮ଟି ସ୍କୁଲର

୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ଶକ୍ତି ସଂରକ୍ଷଣ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ ।